# ସବୁଜ ଗିରି
# SABUJA GIRI

KRISHI VIGYAN KENDRA, GAJAPATI
## କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ODISHA UNIVERSITY OF AGRICULTURE & TECHNOLOGY, BHUBANESWAR
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
Indian Council of Agricultural Research, New Delhi
ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀ

ଏକବିଂଶତମ ବର୍ଷ | ସଂଖ୍ୟା - ୩ | ଓ.ୟୁ.ଏ.ଟି ପବ୍ଲିକେସନ୍ ନଂ୨୦୨୫୧୨୦୬୧୨ | ଅକ୍ଟୋବର-ଡିସେମ୍ବର ୨୦୨୫

## ଏହି ସଂକଳନରେ...


- ଛେଳି ପାଳନ ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧି ତାଲିମ୍ କାର୍ଯ୍ୟକ୍ରମ
- ରାଷ୍ଟ୍ରୀୟ ଏକତା ଦିବସ ପାଳନ
- କୃଷକଙ୍କ ନିମନ୍ତେ କୃଷି ଚୌପାଲ୍ କାର୍ଯ୍ୟକ୍ରମ
- କୃଷକ ଉତ୍ପାଦକ ଗୋଷ୍ଠୀଙ୍କର ଜିଲ୍ଲାସ୍ତରୀୟ ତାଲିମ୍ ଶିବିର
- କୃଷକ ଉତ୍ପାଦନ ଗୋଷ୍ଠୀଙ୍କର କୃଷି ଏକକ ପରିଦର୍ଶନ
- କୃଷି ଶିକ୍ଷା ଦିବସ ପାଳନ
- କୃଷିଜୀବୀ ମହିଳା ଦିବସ ପାଳନ
- ବିଶ୍ୱ ମୃତ୍ତିକା ଦିବସ ପାଳନ
- ଅନୁସୂଚିତ ଜନଜାତି କାର୍ଯ୍ୟକ୍ରମ


## ପନିପରିବା ଚାଷରୁ ସଫଳ ଚାଷୀ



ରା. ଉଦୟଗିରି ବ୍ଲକର ସିନିସିଂ ଗ୍ରାମର ସଂଘମିତ୍ରା ପ୍ରଧାନ ନିଜର ତିନି ଏକର ଜମିରୁ ଚିରାଚରିତ ପଦ୍ଧତିରେ ଧାନ, ମକା, ମାଣ୍ଡିଆ ଚାଷ ସହିତ ପୁରୁଣା ଆମ୍ବ ଓ କାଜୁ ବଗିଚାରୁ ଫଳ ବିକ୍ରି କରି ବାର୍ଷିକ ମାତ୍ର ଟ.୫୬,୩୦୦/- ରୋଜଗାର କରୁଥିଲେ । ସ୍ୱଳ୍ପ ରୋଜଗାର ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଗ୍ରାମୀଣ ମହିଳାମାନଙ୍କୁ ସ୍ୱଳ୍ପ ଖର୍ଚ୍ଚରେ ଅଧିକ ରୋଜଗାର ଯୋଗାଇବା ଉଦ୍ଦେଶ୍ୟରେ କୃଷି ବିଜ୍ଞାନ କେନ୍ଦ୍ର, ଗଜପତି ତରଫରୁ ସିନିସିଂ ଗ୍ରାମରେ ମହିଳାମାନଙ୍କୁ ଉନ୍ନତ ପ୍ରଣାଳୀରେ ପନିପରିବା ଚାଷ, ଠିକ୍ ସମୟରେ ଅମଳ, ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ, ପନିପରିବା ଚାଷ ସହିତ ମହୁଚାଷ, ଛତୁଚାଷ ସମ୍ବନ୍ଧରେ ତାଲିମ୍ ଦିଆଯାଇଥିଲା । କୃଷିଋଣ ପାଇବା ପାଇଁ ନିକଟସ୍ଥ କୃଷି ଅଧିକାରୀ ଓ ବ୍ୟାଙ୍କ ସହିତ ଯୋଗାଯୋଗ କରିବା ନିମନ୍ତେ ପରାମର୍ଶ ଦିଆଯାଇଥିଲା ।

ଏହାପରେ ସଂଘମିତ୍ରା ନିଜର ଚାଷ ପରିମାଣକୁ ବୃଦ୍ଧି କରିଥିଲେ । ମଧୁର ମକା ଓ ପନିପରିବା ଚାଷ କରିବା ସହିତ ଫଳ ବଗିଚା ଭିତରେ ମହୁବାକ୍ସ ରଖି ମହୁଚାଷ ସହିତ ଛତୁଚାଷ ମଧ୍ୟ କରିଥିଲେ । ଏହି ସମସ୍ତ ଚାଷରୁ ବାର୍ଷିକ ପ୍ରାୟ ଟ.୨,୫୯,୬୫୦/- ଲାଭ ପାଇଥିଲେ । ବର୍ତ୍ତମାନ ସେ ନିଜ ଗ୍ରାମ ତଥା ଆଖପାଖ ଗ୍ରାମର ମହିଳାଙ୍କ ନିମନ୍ତେ ଏକ ଆଦର୍ଶ ହୋଇପାରିଛନ୍ତି ।







କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

NEWS LETTER

## ଛେଳି ପାଳନ ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧି ତାଲିମ୍ କାର୍ଯ୍ୟକ୍ରମ

କୃଷି ବିଜ୍ଞାନ କେନ୍ଦ୍ର ଗଜପତିରେ ପ୍ରାଣୀ ସମ୍ପଦ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ତିନିଦିନିଆ ଦକ୍ଷତା ବୃଦ୍ଧି ତାଲିମ୍ କାର୍ଯ୍ୟକ୍ରମ ତା.୨୯.୧୦.୨୦୨୫ରୁ ତା.୩୧.୧୦.୨୦୨୫ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ନୂଆଗଡ଼ ବ୍ଲକର ଅତରସିଂ, ରୁମୁଣ୍ଡା ଗ୍ରାମରୁ ୨୦ ଜଣ ଚାଷୀ ଭାଗ ନେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ ବିଜ୍ଞାନୀ ଡ. ସୁଶ୍ରୀ ଚୌଧୁରୀ ସ୍ୱାଗତ ଭାଷଣ ଦେଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ, ନୂଆଗଡ଼ ଓ ରା. ଉଦୟଗିରି ପ୍ରାଣୀ ଚିକିତ୍ସକମାନେ ଛେଳି ପାଳନରେ ଗୃହ ପରିଚାଳନା, ଖାଦ୍ୟ, ବିଭିନ୍ନ ରୋଗ ଓ ଏହାର ନିରାକରଣ ବିଷୟରେ ଆଲୋକପାତ କରିଥିଲେ ।




## କୃଷକଙ୍କ ନିମନ୍ତେ କୃଷି ଚୌପାଲ୍ କାର୍ଯ୍ୟକ୍ରମ

କୃଷି ବିଜ୍ଞାନ କେନ୍ଦ୍ର ଗଜପତି ଦ୍ୱାରା ଜିଲ୍ଲାର ବିଭିନ୍ନ ଗ୍ରାମର କୃଷକମାନଙ୍କ ସହିତ ସିଧାସଳଖ ବାର୍ତ୍ତାଳାପ କରିବା ଏବଂ କ୍ଷେତର ସମସ୍ୟାକୁ ତୁରନ୍ତ ବିଜ୍ଞାନମୂଳକ ଭାବେ ସମାଧାନ କରିବା ପାଇଁ କୃଷି ଚୌପାଲ୍ କାର୍ଯ୍ୟକ୍ରମର ଆୟୋଜନ ତା ୦୮.୧୧.୨୦୨୫ରେ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ, ରା. ଉଦୟଗିରି ବ୍ଲକର କୃଷି ବିଭାଗ, ଉଦ୍ୟାନ ବିଭାଗର ଅଧିକାରୀମାନେ ଯୋଗ ଦେଇ କୃଷକମାନଙ୍କୁ ବିଭିନ୍ନ କୃଷି ସମ୍ବନ୍ଧୀୟ ପରାମର୍ଶ, ରୋଗ ଓ ପୋକ ସମସ୍ୟାର ସମାଧାନ ବିଷୟରେ ଉପଦେଶ ଦେଇଥିଲେ ।



## ରାଷ୍ଟ୍ରୀୟ ଏକତା ଦିବସ ପାଳନ

କୃଷି ବିଜ୍ଞାନ କେନ୍ଦ୍ର ଗଜପତି ପରିସରରେ ଅକ୍ଟୋବର ୩୧ ତାରିଖ ଦିନ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଅଛି । ଏହି ଅବସରରେ କେନ୍ଦ୍ରର ସମସ୍ତ ଅଧିକାରୀ ଉପସ୍ଥିତ ରହି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜାତୀୟ ଏକତା ତଥା ଦେଶର ଅଖଣ୍ଡତା ପାଇଁ ଯେଉଁ ସ୍ୱପ୍ନ ଥିଲା ତାହାକୁ ଉପସ୍ଥିତ ଋଷୀମାନଙ୍କୁ ବୁଝାଇ ସଚେତନ କରିଥିଲେ ।



## କୃଷକ ଉତ୍ପାଦକ ଗୋଷ୍ଠୀଙ୍କର ଜିଲ୍ଲାସ୍ତରୀୟ ତାଲିମ ଶିବିର

ଗଜପତି ଜିଲ୍ଲାର ରା. ଉଦୟଗିରି ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ୧୮.୧୧.୨୦୨୫ ତାରିଖରେ କୃଷକ ଉତ୍ପାଦକ ଗୋଷ୍ଠୀମାନଙ୍କର ଜିଲ୍ଲାସ୍ତରୀୟ ତାଲିମ୍ ଶିବିରି ଅନୁଷ୍ଠିତ ହୋଇଯାଇଥିଲା । ଉଦ୍ୟାନ ବିଜ୍ଞାନୀ ଡ. ସୁଶ୍ରୀ ଚୌଧୁରୀ କୃଷିଭିତ୍ତିକ ପ୍ରକଳ୍ପ ପ୍ରସ୍ତୁତି ବିଷୟରେ ଆଲୋକପାତ କରିଥିଲେ । କେନ୍ଦ୍ରର ମୁଖ୍ୟ ଡ. ସଂଗ୍ରାମ ପରମଗୁରୁ ସାମୂହିକ ଉତ୍ପାଦନ, ନୂତନ ବଜାର ରଣନୀତି ସମ୍ବନ୍ଧରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର କୃଷି, ଉଦ୍ୟାନ, ପ୍ରାଣୀ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।



NEWS LETTER

## କୃଷକ ଉତ୍ପାଦକ ଗୋଷ୍ଠୀଙ୍କ କୃଷି ଏକକ ପରିଦର୍ଶନ

କୃଷକ ଉତ୍ପାଦକ ଗୋଷ୍ଠୀମାନଙ୍କୁ ବ୍ୟବସାୟିକ ଦୃଷ୍ଟିରୁ ସଶକ୍ତ କରିବା ଓ ପରିଚାଳନା କ୍ଷମତା ବୃଦ୍ଧି ନିମନ୍ତେ ଗଜପତି ଜିଲ୍ଲାରୁ ୧୧ଟି ଉତ୍ପାଦକ ଗୋଷ୍ଠୀର ୧୫ ଜଣ କର୍ମକର୍ତ୍ତାଙ୍କୁ କନ୍ଧମାଳ ଜିଲ୍ଲାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର, ଫୁଲବାଣୀ ସ୍ଥିତ କସମ୍ ଏନ୍.ଜି.ଓ., ଜି. ଉଦୟଗିରି ସ୍ଥିତ ସମନ୍ୱିତ ଏନ୍.ଜି.ଓ ପରିଦର୍ଶନରେ ନିଆଯାଇଥିଲା । ଜି. ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ କେନ୍ଦ୍ରରେ ଥିବା ବିଭିନ୍ନ କୃଷି ପଦ୍ଧତି ପ୍ରଦର୍ଶିତ ଏକକଗୁଡ଼ିକ ପରିଦର୍ଶନ କରାଇଥିଲେ । ରାଇକିଆ ସ୍ଥିତ କୃଷକ ଉତ୍ପାଦକ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପରିଭ୍ରମଣରେ ଯାଇଥିବା ଗଜପତି ଜିଲ୍ଲାର ଚାଷୀମାନଙ୍କୁ ପଣସର ପ୍ରକ୍ରିୟାକରଣ ଓ ବଜାରୀକରଣ ବିଷୟରେ ବୁଝାଇଥିଲେ ।




## କୃଷି ଶିକ୍ଷା ଦିବସ ପାଳନ

କୃଷି ଶିକ୍ଷାର ଗୁରୁତ୍ୱ, ଆଧୁନିକ କୃଷି ସମ୍ପର୍କରେ ଜ୍ଞାନର ପ୍ରସାର ପାଇଁ ପ୍ରତିବର୍ଷ ଡିସେମ୍ବର ୩ ତାରିଖକୁ କୃଷି ଶିକ୍ଷା ଦିବସ ଭାବେ ପାଳନ କରାଯାଏ । ବର୍ତ୍ତମାନ ସମୟରେ କୃଷି କ୍ଷେତ୍ରରେ ବିଭିନ୍ନ ପ୍ରକାରର ଆଧୁନିକରଣର ଆବିଷ୍କାର ଯୋଗୁଁ ତଥା ନୂତନ ବୈଜ୍ଞାନିକ ପ୍ରଣାଳୀରେ ଚାଷରୁ ମଧ ଯଥେଷ୍ଟ ଅର୍ଥ ଅର୍ଜନ କରିବା ସହ ସମଗ୍ର ଦେଶବାସୀଙ୍କୁ ଖାଦ୍ୟ ଯୋଗାଇବା ପରି କାର୍ଯ୍ୟ ହୋଇପାରୁଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଶିଆଳିଲଟି ଗ୍ରାମରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ମୁଖ୍ୟ ଡ. ସଂଗ୍ରାମ ପରମଗୁରୁ ଉପସ୍ଥିତ ଚାଷୀମାନଙ୍କୁ ଆଧୁନିକ କୃଷିର ମହତ୍ତ୍ୱ ଏବଂ ବିଭିନ୍ନ ପ୍ରକାର ଚାଷ ପ୍ରଣାଳୀ ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ ।




## କୃଷିଜୀବୀ ମହିଳା ଦିବସ ପାଳନ

ଗ୍ରାମାଞ୍ଚଳରେ ଅଧିକାଂଶ ମହିଳା କୃଷିକାର୍ଯ୍ୟରେ ନିୟୋଜିତ । ଗ୍ରାମାଞ୍ଚଳର ଆର୍ଥିକ ବିକାଶରେ ମହିଳାମାନଙ୍କର ଅବଦାନ ସର୍ବାଧିକ । ଗଜପତି ଜିଲ୍ଲା ଏକ ଆଦିବାସୀ ବହୁଳ ଅଞ୍ଚଳ ଯେଉଁଥିରେ କି ପୁରୁଷଙ୍କ ଅପେକ୍ଷା ମହିଳାମାନେ ଦୁଇଗୁଣରୁ ଅଧିକ କାମ କରିଥାନ୍ତି । କୃଷିବିଜ୍ଞାନ କେନ୍ଦ୍ର ତରଫରୁ ଡିସେମ୍ବର ୪ ତାରିଖରେ ଫଟାଚଞ୍ଚଡ଼ା ଗ୍ରାମରେ ମହିଳା କୃଷି ଦିବସ ପାଳନ କରାଯାଇଥିଲା । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ତଥା ଉଦ୍ୟାନ ବିଜ୍ଞାନୀ ଯୋଗ ଦେଇ ମହିଳାମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟର ଆବଶ୍ୟକତା, କନ୍ୟା ସନ୍ତାନର ମହତ୍ତ୍ୱ, ମହିଳାଙ୍କ ଉପଯୋଗୀ କୃଷି ଯଥା- ଛତୁ ଚାଷ, ମୂଲ୍ୟଯୁକ୍ତ ଦ୍ରବ୍ୟ ପ୍ରସ୍ତୁତି, କୁକୁଡ଼ା ଚାଷ ବିଷୟରେ ଆଲୋଚନା କରିଥିଲେ ।




## ବିଶ୍ୱ ମୃତ୍ତିକା ଦିବସ ପାଳନ

ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା ଭାବବାଣୀକୁ କେନ୍ଦ୍ର କରି ଚଳିତ ବର୍ଷ ଡିସେମ୍ବର ୫ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଇଥିଲା । ଏଥିରେ କାଶୀନଗର, ଗୁମ୍ମା ବ୍ଲକର ବିଭିନ୍ନ ଗ୍ରାମରୁ ପ୍ରାୟ ୫୦ ଜଣ ଋଷୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଡ଼ିଓ ଲରିମନ ଖର୍ସେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାଟିର ସୁସ୍ଥତା ବଜାୟ ରଖିବା ପାଇଁ ଜୈବିକ କୃଷି ଆପଣେଇବା ପାଇଁ ମତ ରଖିଥିଲେ । ଉଦ୍ୟାନ ବିଜ୍ଞାନୀ ଡ଼. ସୁଶ୍ରୀ ଚୌଧୁରୀ ମାଟିର ମହତ୍ତ୍ୱ ବିଷୟରେ ଋଷୀମାନଙ୍କୁ ଅବଗତ କରାଇଥିଲେ । ପାଣିପାଗ ବିଶେଷଜ୍ଞ ଶ୍ରୀ ଜୟଶଙ୍କର ପ୍ରଧାନ ସବୁଜ ସାର, ମୃତ୍ତିକା ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସଂଗ୍ରାମ ପରମଗୁରୁ ଜିଲ୍ଲା କୃଷି ବିଭାଗ ସହିତ ଯୋଗ ଦେଇ ମାଟି ପରୀକ୍ଷାର ଗୁରୁତ୍ୱ ବିଷୟରେ ଦିଗ୍‌ଦର୍ଶନ ଦେଇଥିଲେ ।



# ଅନୁସୂଚିତ ଜନଜାତି କାର୍ଯ୍ୟକ୍ରମ

ଆଦିବାସୀ ବହୁଳ ଗଜପତି ଜିଲ୍ଲାର ଚାଷୀମାନେ ନିଜର ଗୁଜୁରାଣ ମେଣ୍ଟାଇବା ନିମନ୍ତେ ଉଦ୍ୟାନ କୃଷି ଉପରେ ନିର୍ଭର କରିଥାନ୍ତି । ଜିଲ୍ଲାର କୃଷକ ଓ କୃଷିଜୀବୀ ମହିଳାମାନଙ୍କର ଧାନ, ମକା, ମାଣ୍ଡିଆ ଚାଷ ସହିତ ପନିପରିବା, ଫଳ, କୁକୁଡ଼ା, ଛେଳି, ଗୋପାଳନ, ଛତୁ କିମ୍ବା ମହୁ ଉତ୍ପାଦନ ଇତ୍ୟାଦିରେ ବିଶେଷ ଆଗ୍ରହ ରହିଛି । କିନ୍ତୁ ଉନ୍ନତ ଜ୍ଞାନକୌଶଳର ଅଭାବ ଯୋଗୁଁ ଆଦିବାସୀ ଚାଷୀମାନେ କୃଷିରୁ ଆଶାନୁରୂପ ଭାବେ ଲାଭ ପାଇପାରି ନ ଥାନ୍ତି । କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଅନୁସୂଚିତ ଜନଜାତି ଯୋଜନା କାର୍ଯ୍ୟକ୍ରମରେ ଆଦିବାସୀ ଋଷୀଙ୍କର ଜୀବିକାର ମାନ ବୃଦ୍ଧି ନିମନ୍ତେ ପନିପରିବା ଚାରା, ଫଳ ଚାରା, ଜିଆଖତ ଟାଙ୍କି, କୃଷି ଉପଯୋଗୀ ଯନ୍ତ୍ରପାତି, ମହୁମାଛି ବାକ୍ସ ଯୋଗାଇ ଦେବା ସହିତ ତାଲିମ ପ୍ରଦାନ କରାଯାଇଥିଲା ।










**ପ୍ରକାଶକ:** କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି, **ମୁଖ୍ୟ ସମ୍ପାଦକ :** ଡ. ସଂଗ୍ରାମ ପରମଗୁରୁ (ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ) **ସମ୍ପାଦନା ମଣ୍ଡଳୀ:** ଡ. ସୁଶ୍ରୀ ଚୌଧୁରୀ (ବୈଜ୍ଞାନିକ, ଉଦ୍ୟାନ ବିଜ୍ଞାନ), ଡ. ସଂଜୀବ କୁମାର ମାଣ୍ଡି (ବିଷୟ ବସ୍ତୁ ବିଶେଷଜ୍ଞ, କ୍ଷେତ୍ର ବିଜ୍ଞାନ), ଶ୍ରୀ ଜୟଶଙ୍କର ପ୍ରଧାନ (ବିଷୟ ବସ୍ତୁ ବିଶେଷଜ୍ଞ, କୃଷି ପାଣିପାଗ), ଶ୍ରୀ ଜାନୁଆରିୟସ୍ କୁଜୁର୍, ବିଷୟ ବସ୍ତୁ ବିଶେଷଜ୍ଞ(କୃଷି ଇଞ୍ଜିନିୟରିଂ), ଶ୍ରୀ ମନୋଜ କୁମାର ସାହୁ (କାର୍ଯ୍ୟକ୍ରମ ସହାୟକ, କମ୍ପ୍ୟୁଟର), ଓ.ୟୁ.ଏ.ଟି ପବ୍ଲିକେସନ୍ ନଂ:୨୦୨୫୧୨୦୬୧୨ **ଯୋଗାଯୋଗ:** କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି-୭୬୧୦୧୬, Email: kvkgajapati.ouat@gmail.com, kvk.gajapati@ouat.ac.in.

This document was created with the Win2PDF “Print to PDF” printer available at

https://www.win2pdf.com

This version of Win2PDF 10 is for evaluation and non-commercial use only.
Visit https://www.win2pdf.com/trial/ for a 30 day trial license.

This page will not be added after purchasing Win2PDF.

https://www.win2pdf.com/purchase/